# *“ଶ୍ରଦ୍ଧା” ସ୍ୱେଚ୍ଛାସେବୀ ଅନୁଷ୍ଠାନ SHRADDHA* Milestones 1994-95

**(Society for Development of Human Resources through Handloom and allied activities)**

**(Registration no 19575/7 of 1994-95)**

## ‘ଶ୍ରଦ୍ଧା’ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବିଷୟରେ ପଦେ

ଦାରିଦ୍ର୍ୟ ତଥା ବେକାରୀ ଆମ ରାଜ୍ୟ ତଥା ଦେଶର ମୌଳିକ ସମସ୍ୟାମାନଙ୍କର ମଧ୍ୟରେ ଅନ୍ୟତମ । ଦେଶ ସ୍ୱାଧୀନତା ହେବାର ୪୮ ବର୍ଷ ପରେ ମଧ୍ୟ ବହୁ ପରିବାର ଦାରିଦ୍ର୍ୟ ସୀମାରେଖା ତଳେ ରହି ଜୀବନ ଯାପନର ମୌଳିକ ଆବଶ୍ୟକତାରୁ ବଞ୍ଚିତ ହେଉଛନ୍ତି । ଅନ୍ୟଦିଗରେ ବେକାରୀ ସମସ୍ୟାର ଉତ୍ପୀଡନରେ ବହୁ ଯୁବକ, ଯୁବତୀ ନୈରାଶ୍ୟରେ ରହିଛନ୍ତି । ଏହି ସମସ୍ୟାଗୁଡିକର ସମାଧାନ ନିମନ୍ତେ ସରକାରଙ୍କ ପକ୍ଷରୁ ନାନା ଯୋଜନା, କାର୍ଯ୍ୟକ୍ରମ ନିଆଯାଉଅଛି ସତ କିନ୍ତୁ କେବଳ ସରକାରୀ ଚେଷ୍ଟାରେ ଏହି ସମସ୍ୟା ସମାଧାନ ସମ୍ଭବପର ନୁହେଁ । ଆମ ରାଜ୍ୟର ମୌଳିକ ଶକ୍ତି, ଉପାଦାନ ତଥା ସମ୍ବଳ ହେଲେ ‘‘ଜନ ସାଧାରଣ’’ ଜନ ସାଧାରଣଙ୍କୁ ଜାଗ୍ରତ, ସଂଗଠିତ ତଥା ଅର୍ଥନୈତିକ କର୍ମକ୍ଷମ କରିବା ମାଧ୍ୟମରେ ହିଁ ଏହି ସମସ୍ୟାର ସମାଧାନ ହୋଇପାରିବ ।

ଏହି ପରିପ୍ରେକ୍ଷୀରେ କିଛି ସମଭାବାପନ୍ନ, ସ୍ୱେଚ୍ଛାସେବୀ ବନ୍ଧୁଙ୍କୁ ନେଇ ‘ଶ୍ରଦ୍ଧା’ର ଜନ୍ମ ହୁଏ ୨୮ ଏପ୍ରିଲ ୧୯୯୪ରେ । ଓଡିଶା ବା ଉତ୍କଳ କଳାର ଉତ୍କର୍ଷତା ପାଇଁ ଦେଶ ବିଦେଶରେ ବିଖ୍ୟାତ, ଓଡିଶାର ହସ୍ତତନ୍ତବୁଣା ମାଣିଆବନ୍ଧି, ସମ୍ବଲପୁରୀ, ବୋମକାଇ ପାଟ, ମଠା ଲୁଗା ସର୍ବଜନ ପ୍ରଂଶସିତ । ହସ୍ତତନ୍ତ ବୁଣାକାରଙ୍କୁ ବଜାର ତଥା ଗ୍ରାହକର ରୁଚି ଅନୁଯାୟୀ ବସ୍ତ୍ର ଉତ୍ପାଦନ କରିବା ପାଇଁ ଆବଶ୍ୟକୀୟ ପରାମର୍ଶ, ତଥା ସାହାଯ୍ୟ ଦେବା ଏହି ସଂସ୍ଥାର ମୁଖ୍ୟ ଉଦ୍ଦେଶ୍ୟ । ସାଧାରଣ ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ ସୁରକ୍ଷା ଆଦି ଆନୁସାଙ୍ଗିକ କାର୍ଯ୍ୟକ୍ରମ ଏହି ସଂସ୍ଥାର କର୍ମପରିସର ଭୁକ୍ତ, ଏହି ସଂସ୍ଥା ନାରୀ ତଥା ଶିଶୁ କଲ୍ୟାଣ ସଂପର୍କରେ ବିଶେଷ ଗୁରୁତ୍ୱ ଦେଇଛି ।

ସୀମିତ ସମ୍ବଳ ସତ୍ତ୍ୱେ ଓ ‘ଶ୍ରଦ୍ଧା’ ତାର କାର୍ଯ୍ୟକ୍ରମ ଚାଲୁରଖିଛି । ଆଶା ଏହି ସଂସ୍ଥା ଆଗମୀ ଦିନରେ ଦୁସ୍ଥ ଜନସାଧାରଣଙ୍କୁ ଆବଶ୍ୟକୀୟ ସାହାଯ୍ୟ ଦେଇ ଅଧିକ ଉତ୍ପାଦନ ଏବଂ ଉତ୍ପାଦନ କ୍ଷମ କରିପାରିବ, ଯାହାକି ଦାରିଦ୍ର୍ୟ ତଥା ବେକାରୀ ସମସ୍ୟା ସମାଧାନର ଦିଗରେ ଏକ ନୂତନ ଦୃଷ୍ଟାନ୍ତ ସୃଷ୍ଟି କରିବ ।

**Address**: Sidheswar Sahi, Cuttack, 753008

# “ଶ୍ରଦ୍ଧା” ସ୍ୱେଚ୍ଛାସେବୀ ଅନୁଷ୍ଠାନ SHRADDHA Milestones 1994-95

**(Society for Development of Human Resources through Handloom and allied activities)**

**(Registration no 19575/7 of 1994-95)**



**Shri S K Panda addressing the weavers on importance of quality**




**Shri Naba Acharya, Advocate addressing the weavers on legal matters**

## Activities of *SHRADDHA*

## Spreading awareness among the weavers at Nuapatna, Cuttack

**Address**: Sidheswar Sahi, Cuttack, 753008

**“ଶ୍ରଦ୍ଧା” ସ୍ୱେଚ୍ଛାସେବୀ ଅନୁଷ୍ଠାନ SHRADDHA Milestones 1994-95**

**(Society for Development of Human Resources through Handloom and allied activities)**

**(Registration no 19575/7 of 1994-95)**



'' ଯୌତୁକ '' – ଏକ ସାମାଜିକ ବ୍ୟାଧି
ନାରୀ ମାନଙ୍କୁ ଯୌତୁକ ଜନିତ ପୀଡ଼ନାରୁ ବଞ୍ଚାଇବା ପାଇଁ ଆଇନଗତ ବ୍ୟବସ୍ଥା

1) ଗୋଟିଏ କାହାଣୀ

ସବିତା ତୁମରି ପରି ଝିଅଟିଏ । କଟକ ଜିଲ୍ଲାର ନରେନ୍ଦ୍ରପୁର ଗାଁରେ ତାର ଜନ୍ମ । ଗାଁ ହାଇସ୍କୁଲରୁ ପ୍ରଥମ ଶ୍ରେଣୀରେ ମାଟ୍ରିକ ପାସ କଲା, ତାର ଇଚ୍ଛା କଲେଜରେ ପଢ଼ିବ । ହେଲେ ବାପା, ମାଙ୍କର ଇଚ୍ଛା '' ଦେଲେ ନାରୀ, ହେଲେ ପରି'' – ଝିଅ ବାହାଘର କରି ନିଜ ଦାୟିତ୍ୱ ଶେଷ କରିବେ । ଖୋଜା ଖୋଜି କରି ବାହାଘର ଠିକ ହେଲା, ପାଖ ଗାଁ ବିନୋଦ ପତାର ବିଏ ପାସ୍ କରି କୃଷି ବିଭାଗରେ କିରାଣୀ କାମ କରୁଥିବା ଅଗାଧୁର ସଙ୍ଗେ । ବିଭାଘର ଜାକଜମକରେ ହେଲା ।

ପ୍ରଚଳିତ ପରମ୍ପରା ଅନୁସାରେ ବରପକ୍ଷ ଯୌତୁକ ଦାବୀ କଲେ – ଗୋଟିଏ ହେଭିଡ଼ିଉଟି ସ୍କୁଟର, ରଙ୍ଗୀନ୍ ଟେଲିଭିଜନ୍, ଘରୋଇ ଆସବାବ ପତ୍ର ଏବଂ ଦଶ ତୋଳା ସୁନା ଏବଂ ବାଟ ଖର୍ଚ୍ଚ ପାଇଁ 20 ହଜାର ଟଙ୍କା, ସବିତାର ବାପା ବନ୍ଧୁ ବାନ୍ଧବଙ୍କ ଠାରୁ ଧାର ଉଧାର କଲେ, ଗୁଣ୍ଠ ଜମି ବନ୍ଧା ପକାଇଲେ– ସବୁଆଡ଼ୁ ଟଙ୍କା ଯୋଗାଡ଼ କରି ବିଭାଘର ତଥା ଯୌତୁକ ବ୍ୟବସ୍ଥା ବହୁ କଷ୍ଟରେ କଲେ, ଦାବୀ ଅନୁସାରେ ସବୁ ଜିନିଷ ହେଲେ, କେବଳ ବାକି ରହିଲା ରଙ୍ଗୀନ୍ ଟେଲିଭିଜନ୍ । ସେହି ଟେଲିଭିଜନ୍ ପାଇଁ ସବିତାକୁ ଶାଶୁ ଘରେ ନାନା ଗାଳି ମନ୍ଦ ଶୁଣିବାକୁ ପଡ଼ିଲା ।

ସବିତାର ବାପମା ସବୁ ଶୁଣିଲେ କିନ୍ତୁ କ'ଣ କରିବେ ? – ଝିଅ ଦେଇଛନ୍ତି, ଶୁଣିବାକୁ ତ ପଡ଼ିବ, ଗାଁ ତଥା ସାମାଜିକ ପରମ୍ପରା ରୀତି ନୀତିକୁ କିଏ ବା ବଦଳେଇବ ?

କିନ୍ତୁ କଥାଟି ସେତିକିରେ ସରିଲା ନାହିଁ, ସବିତାର ଶାଶୁ ଘର ତାଙ୍କର ଦାବୀ ତଥା ଗାଳିମନ୍ଦ ଶୁରୁ ରଖିଲେ ।

ପ୍ରଚଳିତ ପରମ୍ପରା ଅନୁସାରେ ସବିତା ତାର ନିଜ ଘର ବାପ, ମା, ଭାଇ ଭଉଣୀଙ୍କୁ ପର କରି ଶାଶୁ ଘରକୁ ଗଲା । ହିନ୍ଦୁ ନାରୀ ପାଇଁ ସ୍ୱାମୀ ଭଗବାନ – ଶାଶୁ ଘର ସ୍ୱର୍ଗ, ଶେଷ ଯାଏଁ ସେଇଠି ରହିବ । କୌଣସି ଅବସ୍ଥାରେ ଶାଶୁ ଘର ଛାଡ଼ି ଯିବା ତ ଦୂରର କଥା, ସେ କଥା ଚିନ୍ତା କରିବା ବି ପାପ, କେତେ ଆଶା ଓ ସ୍ୱପ୍ନ ନେଇ ସବିତା ବାହା ହେଲା ନିଜର ସୁନାର ସଂସାର ଗଢ଼ିବାକୁ । ତାର ବାପ ମାଙ୍କର କେତେ ଆଶା ଝିଅ ଭଲରେ ରହିବ । ବଡ଼ା ବେଳକୁ ସାହାଯ୍ୟ କରିବ, ତାଙ୍କର ସବୁ ଦୁଃଖ କଷ୍ଟ ସାର୍ଥକ ହେବ ।

ହେଲେ, ଫଳ କଣ ହେଲା ? ବାହା ହେଇ ବରଷ ନ ପୁରୁଣୁ ସବିତାର ମରା ଦେହ ଶାଶୁ ଘରୁ ବାହାରିଲା ଶାଶୁ ଘର କହିଲେ – ଦେହ ଖରାପ ଥିଲା, ଡାକ୍ତର ଦେଖାଇଲୁ, ଔଷଧ ଦେଲୁ, ବହୁତ ଟଙ୍କା ଖର୍ଚ୍ଚ କଲୁ, କିନ୍ତୁ କିଛି ଫଳ ହେଲା ନାହିଁ, ଭଲ ଘର ନସରୁଣୁ ପରି ଅଗାଧୁ ପାଇଁ ଝିଅ ଖୋଜା ଶୁରିଲା । ପାଖ ପଡ଼ିଶାଙ୍କ କଥା ତଥା ସବିତା ଦେଇଥିବା ଚିଠିରୁ ଜଣା ପଡ଼ିଲା ଯେ ସବିତା ଶାଶୁଘରେ ଅତ୍ୟାଚାର ସହି ପାରିଲା ନାହିଁ, ଟେଲିଭିଜନ୍ ପାଇଁ ନଣନ୍ଦ, ଦିଅର ତାକୁ ମାରଧର କଲେ ଶେଷରେ ସେ କିଛି ନପାଇ ଦଉଡ଼ି ଖାଇ ଆତ୍ମହତ୍ୟା କଲା । ସବିତାର ବାପା–ମାଙ୍କୁ ବାକୁ ବା କଣ କରନ୍ତେ ? ଝିଅ ତ ଗଲା, ଦଉଡ଼ାଦଉଡ଼ି କଲେ, ପୁଲିସ ଆସିବ, ଆଦାଲତି ହୟରାଣ ଓ ଖର୍ଚ୍ଚାନ୍ତ ପାଇଁ ଲୋକ କହିଲେ ଯାହା କଲେ ଝିଅ ଆଉ ଫେରିବ ନାହିଁ ନିଜ ସ୍ତ୍ରୀ କୁ ବହୁତ ବଢ଼ାଇ ମନମାନି କହିଲେ କାନ୍ଦୁ ଥାନ୍ତୁ ।
ସବିତାର କାହାଣୀ ଏତିକିରେ ସରିଲା,

2) <u>ଯୌତୁକ-ରାକ୍ଷସ</u>

ବନିତାର କାହାଣୀ କିଛି ନୂଆ ନୁହେଁ, ପ୍ରତି ବର୍ଷ ଆମ ଦେଶରେ ଯେତେ ବାହା ଘର ହେଉଛି, ତାହା ମଧ୍ୟରୁ ଅନେକ କ୍ଷେତ୍ରରେ ଯୌତୁକ ନାମକ ରାକ୍ଷସ ପରିବାରରେ ଶାନ୍ତି ଆ ସୁଖ ପରିବର୍ତ୍ତେ ଟାଣି ଆଣୁଛି ସର୍ବନାଶ, ଝିଅ ବାପମା କେତେ କଷ୍ଟ କରି ଝିଅକୁ ବଡ କରି ବାହା ଘର ପାଇଁ ସର୍ବସ୍ୱାନ୍ତ ହୋଇ ଶେଷରେ ମୁଣ୍ଡ ପିଟି କାନ୍ଦିବାହିଁ ସାର ହେଉଛି । ଏହାହିଁ ହେଉଛି ଆମ ସାମାଜିକ ପରମ୍ପରାର ଗୋଟିଏ ନଗ୍ନ ତଥା ଦୁଃଖ ଦାୟକ ନମୁନା ।

ସମସ୍ତେ କହନ୍ତି ' ଆମେ କଣ କରିବୁ, କିଛି ଉପାୟ ନାହିଁ – କିନ୍ତୁ ଏହା କଣ ସତ୍ୟ ?

ମଣିଷ ଗୋଟିଏ ସାମାଜିକ ପ୍ରାଣୀ, ସାମୂହିକ ଶାନ୍ତି ତଥା ସମୃଦ୍ଧି ପାଇଁ ସାମାଜିକ ସ୍ୱାର୍ଥ, ପରମ୍ପରା ଯାହା ସମାଜ ପାଇଁ କଳଙ୍କିତ, ତାକୁ ବ୍ୟାଧିଗ୍ରସ୍ତ ଅଙ୍ଗ ଭଳି ସମାଜ ରୂପୀ ଶରୀରରୁ କାଟି ଅଲଗା କରି ଦେବାକୁ ହେବ । ଏହି କାମରେ ପ୍ରତ୍ୟେକ ସଚେତନ ନାଗରିକର ଦାୟିତ୍ୱ ରହିଛି । ଖାଲି 'ସମ୍ଭାର କରିବେ' ବୋଲି କହି ଦୀର୍ଘ ଶ୍ୱାସ ଛାଡିଲେ ଚଳିବ ନାହିଁ, ଏହା ସ୍ମରଣୀୟ ଯେ ଊନବିଂଶ ଶତାବ୍ଦୀରେ ସତୀ ଦାହ ପ୍ରଥା ଭଳି ଅନ୍ୟ ଏକ କୁ ପରମ୍ପରା ମୁଖ୍ୟତଃ କିଛି ସମାଜ ସଂସ୍କାରକ ଏବଂ ଜନ ସାଧାରଣଙ୍କ ସକ୍ରିୟ ସହଯୋଗିତାର ବଳରେ ଦୂର ହୋଇ ପାରିଥିଲା କେବଳ ଆଇନ୍ ପ୍ରଣୟନ କରି ଏହି ପ୍ରଥା ଦୂର ହୋଇ ପାରିଥା ନାହିଁ ।

ଆସନ୍ତୁ ଦେଖିବା ଯୌତୁକ ପ୍ରଥା ବନ୍ଦ କରିବା ପାଇଁ କଣ କରି ପାରିବା ।

3) ଯୌତୁକ ପ୍ରଥାର ଉଚ୍ଛେଦ ପାଇଁ ୧୯୬୧ ମସିହାରେ 'ଯୌତୁକ-ନିବାରଣ ବିଧି' ନାମରେ ଗୋଟିଏ ସ୍ୱତନ୍ତ୍ର ଆଇନ୍ ଲାଗୁ କରାଯାଇ ଅଛି ।

ଏହି ଆଇନ୍‌ରେ

1) ଯୌତୁକ ଦେବା

2) ଯୌତୁକ ନେବା

3) ଯୌତୁକ ନେବା ଓ ଦେବାରେ ମଧ୍ୟସ୍ଥତା

4) ଯୌତୁକ ଦାବୀ କରିବା

ପ୍ରତ୍ୟେକଟି ଗୋଟିଏ <u>ଅପରାଧ</u>

ପୁଅ ବାହାଘର ପାଇଁ ନିଜେ ପୁଅ ତାର ବାପ, ମା ଅଥବା ସମ୍ପର୍କୀୟ ଯୌତୁକ ଦାବୀ କଲେ କିମ୍ବା ଯୌତୁକ ନେଲେ ଆଇନରେ ଦଣ୍ଡ ପାଇବେ , ସେହିପରି ଝିଅ ପକ୍ଷରୁ ବାପ, ମା ବା ସମ୍ପର୍କୀୟ ଯୌତୁକ ଦେଲେ ସେମାନେ ମଧ୍ୟ ଦଣ୍ଡିତ ହେବେ ।

<u>ଆଇନ୍‌ରେ ଦଣ୍ଡର ପରିମାଣ</u>

ପାଞ୍ଚ ବର୍ଷ ଯାଏଁ କାରାଦଣ୍ଡ, ଟ. 15,000ଙ୍କ ଯାଏଁ ଜୋରିମାନା, ଯୌତୁକ ପରିମାଣ ଟ. 15,000ଙ୍କଠାରୁ ଅଧିକ ହେଲେ ସେହି ପରିମାଣରେ ଜୋରିମାନା,

ଗାଁ ଗହଳିରେ ମଧ୍ୟସ୍ଥି କିମ୍ବା ସମ୍ପର୍କୀୟ ମାନେ ବାହାଘର ପାଇଁ ଯାତକ ମେଳାନ୍ତି । ସେହି ସମୟରେ ସେମାନେ ଯୌତୁକ ବିଷୟରେ ମଧ୍ୟ ଆଲୋଚନା କରନ୍ତି । ଯୌତୁକ ବିଷୟରେ ଆଲୋଚନା କରିବା ବା ସ୍ଥିର କରିବା ଆଇନତଃ

ଅପରାଧ, ସେଥିପାଇଁ ମଧ୍ୟସ୍ଥିମାନେ ମଧ୍ୟ ଦଣ୍ଡନୀୟ ହେବେ ।

ଏବେ ଖବର କାଗଜ ମାଧ୍ୟମରେ ବିଭାଘର ପ୍ରସ୍ତାବ ଦିଆ ଯାଉଛି ବର କନ୍ୟାର ଆୟ, ଚେହେରା ଆଦି ବିଷୟରେ ଏହି ବିଜ୍ଞାପନରେ ଲେଖାଯାଉଅଛି । ଏହି ବିଜ୍ଞାପନରେ ଯୌତୁକ ବିଷୟରେ ଉଲ୍ଲେଖ କରିବା ବା ପରେ ଆଲୋଚନା କରିବା ମଧ୍ୟ ଦଣ୍ଡନୀୟ ।

ବେଳେ ବେଳେ କନ୍ୟାପକ୍ଷ ବାପ ମା ଭଲ ଜ୍ୱାଇଁ ପାଇବା ପାଇଁ ଯୌତୁକରେ ସୁନା ଗହଣା, ଟଙ୍କା, ଜମି, ଗାଡି ଆଦି ଦେବା କଥା ~~[illegible]~~ କହନ୍ତି, ପ୍ରଲୋଭନ ଦେଉଛନ୍ତି । ଏହା ଏକ ଅପରାଧ ।

ବିବାହ ସମୟରେ ଉପହାର ଦେବା ନେବା ଆଇନ ସଂଗତ

ବିବାହ ଏକ ସାମାଜିକ ପରମ୍ପରା, ସମାଜର ସ୍ଥିତି ତଥା ପ୍ରଗତିରେ ଏହି ଅନୁଷ୍ଠାନର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି, ଆଇନ୍ ଅନୁସାରେ ବର ଏବଂ କନ୍ୟାକୁ ସେମାନଙ୍କର ସମ୍ପର୍କୀୟ ମାନେ ଦେଉଥିବା ସମସ୍ତ ଉପହାର ଯୌତୁକ ବୋଲି ଧରାଯାଏ । ତେବେ ବିନା ସର୍ତ୍ତ ତଥା ରୂପରେ ସ୍ୱାଧୀନ ଭାବେ ବର କନ୍ୟାଙ୍କୁ ଦିଆଯାଇଥିବା ଉପହାର ଗୁଡିକ ଆଇନ୍‌ରେ ଅନୁମୋଦିତ ହୋଇଥାଏ । ସେଥିପାଇଁ ନିମ୍ନ ଲିଖିତ ବିଷୟ ପ୍ରତି ଦୃଷ୍ଟି ଦେବା ଆବଶ୍ୟକ ।

1) ସମସ୍ତ ଉପହାର ~~[illegible]~~ ଏକ ତାଲିକା ପ୍ରସ୍ତୁତ କରାଯିବା ଉଚିତ୍

2) କୌଣସି ଉପହାର କିମ୍ବା ଜିନିଷ ପାଇଁ ଦାବୀ କରିବା ବା ଜୋର ଜବରଦସ୍ତ କରିବା ଆଇନତଃ ଅପରାଧ

3) ପ୍ରଚଳିତ ପ୍ରଥା ଅନୁସାରେ, କନ୍ୟା ପିତା ମାତାଙ୍କର ଆର୍ଥିକ ସ୍ଥିତି ଓ ଚଳଣୀକୁ ଲକ୍ଷ୍ୟ ରଖି ଉପହାର ଦେବା ଆଇନ ସମ୍ମତ ହୋଇପାରେ ।

ଯୌତୁକ ଆକାରରେ ଦିଆଯାଇଥିବା ସମସ୍ତ ପ୍ରକାର ଉପହାର ଓ ସମ୍ପତ୍ତି, କନ୍ୟାର ସମ୍ପତ୍ତି, ତାହା ସ୍ତ୍ରୀ ଧନର ଏକ ଅଂଶ, କନ୍ୟା ଏହାକୁ ନିଜ ଇଚ୍ଛାମତାବକ ବ୍ୟବହାର କରିପାରେ । ତା ବ୍ୟତୀତ ଅନ୍ୟ କୌଣସି ଲୋକର ଏହି ଉପହାର ବା ସମ୍ପତ୍ତି ଉପରେ ଅଧିକାର ନାହିଁ । କନ୍ୟା ବ୍ୟତୀତ ଅନ୍ୟ କେହି ଏହି ଉପହାର ଗୁଡିକ ନେଲେ ସେମାନେ ସେଗୁଡିକୁ କନ୍ୟାକୁ ଫେରାଇବାକୁ ବାଧ୍ୟ ହେବେ । ଆଇନ୍ ଅନୁସାରେ ।

1) ବିବାହ ପୂର୍ବରୁ ଦିଆଯାଇଥିବା ସମସ୍ତ ଉପହାର ବା ଯୌତୁକ ବିବାହର 3 ମାସ ମଧ୍ୟରେ କନ୍ୟାକୁ ଫେରାଇବାକୁ ଆବଶ୍ୟକ,

2) ବିବାହ ସମୟରେ ବା ବିବାହ ପରେ ଦିଆଯାଇଥିବା ଯୌତୁକ, ନେବାର 3 ମାସ ଭିତରେ କନ୍ୟାକୁ ଦିଆ ଯାଇଥିବା ଆବଶ୍ୟକ,

3) 18 ବର୍ଷରୁ କମ (ନା ବାଳିକା) ଅବସ୍ଥାରେ ଦିଆଯାଇଥିବା ଯୌତୁକ କନ୍ୟାକୁ 18 ବର୍ଷ ର 3 ମାସ ମଧ୍ୟରେ ଫେରାଯିବା ଆବଶ୍ୟକ ।

4) କନ୍ୟା ବ୍ୟତୀତ ଅନ୍ୟ କେହି ବ୍ୟକ୍ତି ଯୌତୁକ କେବଳ ମାର୍ଗଦାର ହିସାବରେ ରଖି ପାରିବେ । ତାହା କନ୍ୟାକୁ ଉପର ଲିଖିତ ସମୟ ସୀମା ମଧ୍ୟରେ ଫେରାଇବାକୁ ବାଧ୍ୟ ହେବେ । ଏହି ସମ୍ପତ୍ତି ବା ଉପହାର ବିକିବା ବା ଅନ୍ୟ କାହାକୁ ଦେବା ଆଇନତଃ ଦଣ୍ଡନୀୟ ।

ଉପରୋକ୍ତ ବିଷୟରେ ଆପତ୍ତି ଥିଲେ କନ୍ୟା ଏହି ନିମନ୍ତେ ଆଇନର ଆଶ୍ରୟ ନେବା ଆବଶ୍ୟକ, ଏହି ମୋକଦ୍ଦମାରେ ଦୋଷୀ ବ୍ୟକ୍ତିଙ୍କୁ 6 ମାସରୁ 2 ବର୍ଷ ପର୍ଯ୍ୟନ୍ତ କାରାଦଣ୍ଡ ଓ ଟ.5,000 ରୁ ଟ.10,000 ଙ୍କ ପର୍ଯ୍ୟନ୍ତ ଜୋରିମାନା ଦଣ୍ଡ ଦିଆ ଯାଇପାରେ ।

(Society for Development of Human Resources through Handloom and allied activities)

(Registration no 19575/7 of 1994-95)



ତଥା ଯୌତୁକ ସଂପତ୍ତି ପାଇବା ପୂର୍ବରୁ ମରିଗଲେ ତାହାର ଉତ୍ତରାଧିକାରୀ ଏହି ସଂପତ୍ତି ପାଇବେ ।

ବିବାହ ସମୟରେ ଦିଆ ଯାଉଥିବା ଯୌତୁକ ବା ଉପହାର ବିଷୟରେ ନିମ୍ନ ଲିଖିତ ପଦକ୍ଷେପ ନେବା ଆବଶ୍ୟକ ।

1) ବର ଏବଂ କନ୍ୟାଙ୍କୁ ଦିଆଯାଇଥିବା ସମସ୍ତ ଉପହାରର [illegible] ଏକ ପୃଥକ୍ ଭାବେ ଲିଖିତ ତାଲିକା କରିବା ଆବଶ୍ୟକ

2) ତାଲିକାରେ ଉପହାରର ସଂକ୍ଷିପ୍ତ ବିବରଣୀ ତଥା ଆନୁମାନିକ ମୂଲ୍ୟ ଲେଖିବା ଆବଶ୍ୟକ ।

3) ଉପହାର ଦାତାଙ୍କ ନାମ ଏବଂ ବର କିମ୍ବା କନ୍ୟାଙ୍କ ସହ ସଂପର୍କ ଲେଖିବା ଆବଶ୍ୟକ ।

4) ତାଲିକାରେ ବର କନ୍ୟା ଉଭୟଙ୍କର ଦସ୍ତଖତ ଅଥବା ଟିପଚିହ୍ନ ରହିବା ଆବଶ୍ୟକ ।

5) ବରକନ୍ୟାଙ୍କ ବ୍ୟତୀତ ବିବାହରେ ଉପସ୍ଥିତ ଅନ୍ୟ ସଂପର୍କୀୟମାନେ ମଧ୍ୟ ଏହି ତାଲିକାରେ ଦସ୍ତଖତ କରି ପାରନ୍ତି

ବିବାହ ତଥା ଯୌତୁକ ଦେବା ନେବାକୁ ନେଇ ଅନେକ ସମୟରେ କନ୍ୟା ଉପରେ ଅତ୍ୟାଚାର କରାଯାଏ । ସମୟ ସମୟରେ ଅତି ମାତ୍ରାରେ ମାଡପିଟ୍ ଫଳରେ କନ୍ୟା ପ୍ରାଣ ହରାଏ । କେବେ କେବେ ମାନସିକ ତଥା ଦୈହିକ ଯନ୍ତ୍ରଣା ଫଳରେ କନ୍ୟା ଆତ୍ମହତ୍ୟା କରେ । ଯୌତୁକ ନିବାରଣ ଆଇନ୍ ବ୍ୟତୀତ ଉପର ଲିଖିତ ଘଟଣା ପାଇଁ ଦୋଷୀ ନିମ୍ନ ଲିଖିତ ଆଇନ୍‌ରେ ଦଣ୍ଡନୀୟ ହେବେ ।

ଭାରତୀୟ ଦଣ୍ଡ ବିଧି ଆଇନ୍ 1) ଭାରତୀୟ ଦଣ୍ଡ ବିଧି ଆଇନ 1860 ର 498 (କ) ଧାରାରେ ଯଦି ଜଣେ ସ୍ତ୍ରୀ ଲୋକ ପ୍ରତି ତାର ସ୍ୱାମୀ କିମ୍ବା ତାର ସଂପର୍କୀୟ ମାନେ, ନିର୍ମମ ଅତ୍ୟାଚାର କରନ୍ତି, ତେବେ ସ୍ୱାମୀ ଅଥବା ସଂପୃକ୍ତ ସଂପର୍କୀୟ ସେହି ଦୋଷ ସାତ ପାଇଁ, 3 ବର୍ଷ ପର୍ଯ୍ୟନ୍ତ କାରାଦଣ୍ଡ ଏବଂ ଜୋରିମାନାରେ ଦଣ୍ଡିତ ହେବେ ।

ନିର୍ମମତା କଣ ?

କୌଣସି ସ୍ତ୍ରୀ ଲୋକକୁ ପିଟିବା, ତାର ଜୀବନ, ଅଙ୍ଗ ପ୍ରତ୍ୟଙ୍ଗ ତଥା ସ୍ୱାସ୍ଥ୍ୟ ପ୍ରତି ବିପଦ ଆଣିବାପାଇଁ ଅତ୍ୟାଚାର କରିବାକୁ ମାନସିକ ତଥା ଶାରିରିକ ନିର୍ମମତା କୁହାଯାଏ ।

ନିର୍ମମତା କେବଳ ଶାରିରୀକ ଯନ୍ତ୍ରଣା ନୁହେଁ, ଗାଳି ଗୁଲଜ, ମାନସିକ ଯନ୍ତ୍ରଣା ଯାହା ଫଳରେ ସଂପୃକ୍ତ କନ୍ୟା ବିଚଳିତ ହୋଇ ଆତ୍ମହତ୍ୟା କରିବାକୁ ବାଧ୍ୟ ହୁଏ , ତାହା ମଧ୍ୟ ନିର୍ମମତା,

କନ୍ୟା ଠାରୁ ଟଙ୍କା ଓ ସଂପତ୍ତି ପାଇବା ପାଇଁ ଅତ୍ୟାଚାର କରିବା , ଭୟ ପ୍ରଦର୍ଶନ ଅଥବା ବଳ ପ୍ରୟୋଗ ମଧ୍ୟ ନିର୍ମମତା ।

କନ୍ୟା ଠାରୁ ସଂପର୍କୀୟ ଠାରୁ ଟଙ୍କା କିମ୍ବା ସଂପତ୍ତି ପାଇବାକୁ ତାଙ୍କୁ ଅତ୍ୟାଚାର, ଭୟପ୍ରଦର୍ଶନ ବା ବଳ ପ୍ରୟୋଗ କରିବା ମଧ୍ୟ ନିର୍ମମତା ।

ଆଇନାନୁସାରେ ସ୍ତ୍ରୀ ଲୋକଙ୍କୁ ଉପର ଲିଖିତ ଭାବେ ନିର୍ମମ ବ୍ୟବହାର କରିବା ଏବଂ ବିବାହର 7 ବର୍ଷ ମଧ୍ୟରେ କନ୍ୟାର ଅପମୃତ୍ୟୁ ହେଲେ ସେହି ଅପରାଧ ପାଇଁ ସ୍ୱାମୀ ତଥା ବର ପକ୍ଷର ଅନ୍ୟାନ୍ୟ ସଂପର୍କୀୟ ମାନେ କନ୍ୟାର ମୃତ୍ୟୁ ପାଇଁ ଦାୟୀ ହେବେ , ଏହି ଅପରାଧରେ ଦୋଷୀ ସାବ୍ୟସ୍ତ ହେଲେ, 7 ବର୍ଷ ପାଇଁ କାରାଦଣ୍ଡ ହେବ । ଏଥି ନିମନ୍ତେ କନ୍ୟା କିମ୍ବା ତାର ସଂପର୍କୀୟଙ୍କୁ ଦୋଷ ପ୍ରମାଣ କରିବାର ଆବଶ୍ୟକତା ପଡେ ନାହିଁ ।

ଯୌତୁକ ସଂପର୍କୀୟ ବ୍ୟଭିଚାରକୁ ବଦଳାଇବା ପାଇଁ ପ୍ରତ୍ୟେକ ସଚେତନ ନାଗରିକର ଭୂମିକା ରହିଛି । ନିଜେ ବିବାହ ସମୟରେ ଯୌତୁକ ନଦେଇ ବା ନେଇ ଦୃଷ୍ଟାନ୍ତ ସୃଷ୍ଟି କରିବା ଆବଶ୍ୟକ । ଯୌତୁକ ସଂପର୍କରେ କୌଣସି ଆପତ୍ତି କିମ୍ବା ଅଭିଯୋଗ ଦୃଷ୍ଟି ଗୋଚର ହେଲେ, ସେଥି ନିମନ୍ତେ ଆଇନ୍ ସମ୍ମତ ପଦକ୍ଷେପ ନେବା ଆବଶ୍ୟକ ।

ଆପତ୍ତି କିଏ କରି ପାରିବ ? ନିଜେ କନ୍ୟା
କନ୍ୟାର ବାପା କିମ୍ବା ମା
କନ୍ୟାର ଭାଇ କିମ୍ବା ଭଉଣୀ, ଖୁଡୀ ପାଇଁ
ଅନ୍ୟ କେହି ରକ୍ତ ସମ୍ପର୍କୀୟ, କିମ୍ବା
ସମ୍ପର୍କୀୟ(ଅଦାଲତର ଅନୁମତି ନେଇ)
(୧୯୮ (କ) ଧାରା ଫୌଜଦାରୀ କାର୍ଯ୍ୟ ବିଧି ସଂହିତି ୧୯୭୩)

ଆପତ୍ତି କେଉଁଠାରେ କରାଯାଇ ପାରିବ ?

ଏହି ବିଷୟରେ ପ୍ରଥମ ବିବରଣୀ ବା ଫାଷ୍ଟ ଇନ୍ଫରମେସନ ରିପୋର୍ଟ ସମ୍ପୃକ୍ତ ଥାନାରେ ଦିଆଯାଇପାରିବ । ଥାନାର ଭାରପ୍ରାପ୍ତ ଅଧିକାରୀ ଏହି ମାମଲା ନେବାକୁ ବାଧ୍ୟ , ମାମଲାର ବିବରଣୀ ଲିପିବଦ୍ଧ ତାହାର ଏକ ନକଲ ଅଭିଯୋଗକାରୀଙ୍କୁ ଦିଆଯାଏ ।

ଥାନାର ଭାରପ୍ରାପ୍ତ ଅଧିକାରୀ ମାମଲା ଡାଏରି ନ କରିଲେ ଜିଲ୍ଲା ପୁଲିସ୍ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଜଣାଇବା ଆବଶ୍ୟକ ।

ଯଦି କନ୍ୟା ମରିଯାଏ ବା ଆତ୍ମହତ୍ୟା କରେ, ଏ ଖବର ସମ୍ପୃକ୍ତ ଥାନାରେ ସଂଗେ ସଂଗେ ଜଣାଇବା ଆବଶ୍ୟକ
ପୁଲିସ୍ ଘଟଣା ସ୍ଥଳକୁ ଆସିଲେ, ଏ ସମ୍ପର୍କରେ ସମସ୍ତ ବିବରଣୀ ଦେବା ଆବଶ୍ୟକ, ବିବରଣୀରେ ମୃତ୍ୟୁର କାରଣ ଶରୀରରେ କ୍ଷତ, ପୋଡା, ଆଘାତ ଆଦିର ବର୍ଣ୍ଣନା ରହିବା ଆବଶ୍ୟକ, ଏହି ବିବରଣୀରେ ପୋଲିସ୍ ଅଧିକାରୀ ଓ ଉପସ୍ଥିତ ଲୋକମାନେ ସ୍ୱାକ୍ଷର କରିବା ଆବଶ୍ୟକ ।

ଯୌତୁକ ସମ୍ବନ୍ଧୀୟ ଅପରାଧ ଗୁଡିକ ଧର୍ତ୍ତବ୍ୟମୂଳକ(କଗ୍ନିଜବଲ ଅଫେନ୍ସ) ,ଫଳରେ ଆପତ୍ତି ପାଇବା ମାତ୍ରକେ ପୁଲିସ ଏ ବିଷୟରେ ଅନୁସନ୍ଧାନ କରିବା ଏବଂ ଦୋଷୀକୁ ଗିରଫ କରିବା ପାଇଁ ଆଇନତଃ ବାଧ୍ୟ,ଏହି ଅପରାଧ ଗୁଡିକରେ ଦୋଷୀ ଯାମିନ୍ ପାଇ ପାଇବେ ନାହିଁ (ନନ୍ ବେଲେବଲ) । ଏ ଅପରାଧ ଗୁଡିକ ଦୋଷୀକୁ ଦଣ୍ଡ ନଦେଇ ଆପୋଷ ମିଳାମିଶା ମାଧ୍ୟମରେ ସମାଧାନ କରାଯାଇ ପାରେ ନାହିଁ ।

ଯୌତୁକ ପ୍ରଥା ଏକ ସାମାଜିକ ବ୍ୟାଧି । ଏହି ପ୍ରଥା ଦୂର କରିବା ପାଇଁ ଆଇନ ପ୍ରଣୟନ କରା ଯାଇଛି । ଏହି ଆଇନକୁ କାର୍ଯ୍ୟ କାରୀ କରିବା ନିମନ୍ତେ ପ୍ରଶାସନ ଏବଂ ପୁଲିସ୍କୁ ସାହାଯ୍ୟ କରନ୍ତୁ । ଆପଣଙ୍କ ସହ ସହଯୋଗୀତା ଫଳରେ ଏହି ବ୍ୟାଧି ସମାଜରୁ ଦୂର କରାଯାଇ ପାରିବ ।

ଏହି ବିଷୟରେ ଅଧିକ ଜାଣିବା ପାଇଁ ନିଜର ଠିକଣା ସହ ଯୋଗାଯୋଗ କରନ୍ତୁ ।

ଶ୍ରଦ୍ଧା, ସିଦ୍ଧେଶ୍ୱର ସାହି କଟକ- ୪

– ୦ –